**OFFICE OF THE COMMANDANT, HOME GUARDS, KALAHANDI**

**ଦୁର୍ଗପତି, ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟ, କଳାହାଣ୍ଡି**

**ବିଜ୍ଞାପନ ପତ୍ର ସଂଖ୍ୟା ୦୩ / ଗୃହରକ୍ଷୀ** **ତା: ୦୩.୦୬.୨୦୨୫**

## ଗୃହରକ୍ଷୀ ଚୟନ ନିମନ୍ତେ ସୂଚନା

ବିଜ୍ଞାପନ ପତ୍ର ସଂଖ୍ୟା ୦୧/ଗୃହରକ୍ଷୀ ତା: ୧୩.୦୨.୨୦୨୫ ଏବଂ ପତ୍ର ସଂଖ୍ୟା ୦୨/ଗୃହରକ୍ଷୀ ତା: ୨୮.୦୪.୨୦୨୫ ଅନୁଯାୟୀ ଏହା ଜଣାଇ ଦିଆଯାଉଛି ଯେ, କଳାହାଣ୍ଡି ଜିଲ୍ଲାରେ ଖାଲିଥିବା ୧୦୦ ଗୃହରକ୍ଷୀ ପଦବୀ ପୂରଣ ପାଇଁ ବିଜ୍ଞାପନ କରାଯାଇଥିଲା । ଏତଦ୍ୱାରା ସମସ୍ତ ଆବେଦନକାରୀଙ୍କୁ ଅବଗତ କରାଯାଉଛି ଯେ, କଳାହାଣ୍ଡି ଜିଲ୍ଲାର ଗୃହରକ୍ଷୀ ଚୟନ ପ୍ରକ୍ରିୟା ଆସନ୍ତା **୦୮.୦୬.୨୦୨୫** ସକାଳ **୬ ଘଣ୍ଟା** ସମୟ ଠାରୁ ରିଜର୍ଭ ପୋଲିସ୍ ପଡିଆ, ଭବାନୀପାଟଣା ରେ ଆରମ୍ଭ ହେବାକୁ ଯାଉଅଛି । ତେଣୁ, ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀ / ପ୍ରାର୍ଥିନୀ ଙ୍କୁ ଉଲ୍ଲେଖିତ ତାରିଖ, ସମୟ ଏବଂ ସ୍ଥାନରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଅଛି । ନିମ୍ନରେ ଉଲ୍ଲେଖିତ ମାନଦଣ୍ଡ ଅନୁଯାୟୀ, ଚୟନ ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଭବାନୀପାଟଣାର ରିଜର୍ଭ ପୋଲିସ ପଡିଆରେ ବିଭିନ୍ନ ଶାରୀରିକ, ଲିଖିତ ଏବଂ ଦକ୍ଷତା ପରୀକ୍ଷା ମାଧ୍ୟମରେ ପରିଚାଳନା କରାଯିବ ଏବଂ ଏହି ସମସ୍ତ ପ୍ରକ୍ରିୟା ଜିଲ୍ଲା ସ୍ତରୀୟ ଚୟନ କମିଟି ଦ୍ୱାରା ପରିଚାଳିତ ହେବ। ପ୍ରକାଶ ଥାଉ କି ଯେଉଁ ପ୍ରାର୍ଥୀ/ପ୍ରାର୍ଥୀନୀ ମାନେ କୁଶଳ ଦକ୍ଷତା ପରୀକ୍ଷାରେ ଭାଗ ନେବାପାଇଁ ପୂର୍ବରୁ ଆବେଦନ କରିଛନ୍ତି ସେମାନେ କୁଶଳ ଦକ୍ଷତା ପରୀକ୍ଷା ସମୟରେ ନିଜସ୍ୱ ଉପକରଣ ସହିତ ଉପସ୍ଥିତ ରହିବେ ଏବଂ ସେମାନଙ୍କୁ ମୂଲ୍ୟାଙ୍କନରେ ପ୍ରାଥମିକତା ଦିଆଯିବ। ଯଦି କୌଣସି ସାଧାରଣ ବ୍ୟକ୍ତି କିମ୍ବା ପୋଲିସ୍ କର୍ମଚାରୀ କୌଣସି ପ୍ରାର୍ଥୀ / ପ୍ରାର୍ଥିନୀ ଙ୍କୁ ଚାକିରୀ କରାଇ ଦେବା ପ୍ରଲୋଭନ ଦେଖାଇ ତାଙ୍କ ଠାରୁ ଲାଞ୍ଚ ମାଗୁଥାନ୍ତି, ତାହେଲେ ସେହି ପ୍ରାର୍ଥୀ / ପ୍ରାର୍ଥିନୀ, ପଡିଆ ରେ ଥିବା ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ସିଧାସଳଖ ଚୟନ କମିଟିର ଅଧ୍ୟକ୍ଷ ଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ କରିପାରିବେ ଏବଂ ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଦୁର୍ଗପତି ଗୃହରକ୍ଷୀ ବାହିନୀ**
**କଳାହାଣ୍ଡି**

## ଶାରୀରିକ ମାପଦଣ୍ଡ

| ପ୍ରାର୍ଥୀ ଙ୍କ ପାଇଁ (ସର୍ବନିମ୍ନ) | ପ୍ରାର୍ଥିନୀ ଙ୍କ ପାଇଁ (ସର୍ବନିମ୍ନ) |
|---|---|
| ଉଚ୍ଚତା ୧୬୩ ସେ.ମି | ଉଚ୍ଚତା ୧୫୩ ସେ.ମି |
| ଓଜନ ୫୦ କି.ଗ୍ରା | ଓଜନ ୪୫ କି.ଗ୍ରା |

## ପରୀକ୍ଷା ନିମନ୍ତେ ମୂଲ୍ୟାଙ୍କନ

| ପ୍ରାର୍ଥୀ ଙ୍କ ପାଇଁ (ପୁରୁଷ) | ସମୟ | ମୂଲ୍ୟାଙ୍କ | ପ୍ରାର୍ଥିନୀ ଙ୍କ ପାଇଁ (ମହିଳା) | ସମୟ | ମୂଲ୍ୟାଙ୍କ |
|---|---|---|---|---|---|
| ପୁସ୍-ଅପ୍(୫ ସଂଖ୍ୟା) (୫ ସଂଖ୍ୟାରୁ କମ୍ ପୁସ୍-ଅପ୍ ଅଯୋଗ୍ୟ ଘୋଷଣା କରାଯିବ) | ନିରୀକ୍ଷକଙ୍କ ଆଦେଶ ଅନୁଯାୟୀ | ୧୦ | ପୁସ୍-ଅପ୍ (୩ ସଂଖ୍ୟା) ( ୩ ସଂଖ୍ୟାରୁ କମ୍ ପୁସ୍-ଅପ୍ ଅଯୋଗ୍ୟ ଘୋଷଣା କରାଯିବ) | ନିରୀକ୍ଷକଙ୍କ ଆଦେଶ ଅନୁଯାୟୀ | ୧୦ |
| ଦୌଡ (୪୦୦ ମିଟର) | ୯୦ ସେକେଣ୍ଡ ମଧ୍ୟରେ | ୨୦ | ଦୌଡ (୪୦୦ ମିଟର) | ୧୨୦ ସେକେଣ୍ଡ ମଧ୍ୟରେ | ୨୦ |
| | ୯୦ ରୁ ୧୨୦ ସେକେଣ୍ଡ ମଧ୍ୟରେ | ୧୦ | | ୧୨୦ ରୁ ୧୫୦ ସେକେଣ୍ଡ ମଧ୍ୟରେ | ୧୦ |
| | ୧୨୦ ସେକେଣ୍ଡ ରୁ ଅଧିକ | ଅଯୋଗ୍ୟ ବିବେଚିତ | | ୧୫୦ ସେକେଣ୍ଡ ରୁ ଅଧିକ | ଅଯୋଗ୍ୟ ବିବେଚିତ |
| ଓଡ଼ିଆ ପ୍ରବନ୍ଧ ଲିଖନ (ନ୍ୟୁନତମ ୧୦୦ ଶବ୍ଦ ବିଶିଷ୍ଟ) | ୧୫ ମିନିଟ | ଯୋଗ୍ୟ/ଅଯୋଗ୍ୟ | ଓଡ଼ିଆ ପ୍ରବନ୍ଧ ଲିଖନ (ନ୍ୟୁନତମ ୧୦୦ ଶବ୍ଦ ବିଶିଷ୍ଟ) | ୧୫ ମିନିଟ | ଯୋଗ୍ୟ/ଅଯୋଗ୍ୟ |
| ସାଧାରଣ ଜ୍ଞାନ ଲିଖିତ ପରୀକ୍ଷା | ୨୦ ମିନିଟ ମଧ୍ୟରେ | ୨୦ ସର୍ବାଧିକ ଏବଂ (ପାସ ପାଇଁ ସର୍ବନିମ୍ନ ୮ ମାର୍କ ) | ସାଧାରଣ ଜ୍ଞାନ ଲିଖିତ ପରୀକ୍ଷା | ୨୦ ମିନିଟ ମଧ୍ୟରେ | ୨୦ ସର୍ବାଧିକ ଏବଂ (ପାସ ପାଇଁ ସର୍ବନିମ୍ନ ୮ ମାର୍କ ) |
| କୁଶଳ ଦକ୍ଷତା ପରୀକ୍ଷା | - | ୨୦ | କୁଶଳ ଦକ୍ଷତା ପରୀକ୍ଷା | - | ୨୦ |
| ବ୍ୟକ୍ତିଗତ ସାକ୍ଷାତକାର | - | ୩୦ | ବ୍ୟକ୍ତିଗତ ସାକ୍ଷାତକାର | - | ୩୦ |
| ସର୍ବମୋଟ | | ୧୦୦ | ସର୍ବମୋଟ | | ୧୦୦ |

3/6/25

ଦୁର୍ଗପତି ଗୃହରକ୍ଷୀ ବାହିନୀ
କଳାହାଣ୍ଡି

## ପର୍ଯ୍ୟାୟ

୧. ସାଧାରଣ ନିର୍ଦ୍ଦେଶାବଳୀ ଏବଂ ଚୟନ ପ୍ରକ୍ରିୟା ବିଷୟରେ ସୂଚନା ପାଇଁ ସମସ୍ତ ପ୍ରାର୍ଥୀ ତା:**୦୮.୦୬.୨୦୨୫** ସକାଳ **୬ଘଣ୍ଟା** ସମୟ ଠାରୁ ଭବାନୀପାଟଣାର ରିଜର୍ଭ ପୋଲିସ ପଡିଆରେ ଶୃଙ୍ଖଳିତ ଭାବରେ ଉପସ୍ଥିତ ରହିବେ।

୨. ସମସ୍ତ ପ୍ରାର୍ଥୀଙ୍କୁ ସେମାନଙ୍କ ସମ୍ପୃକ୍ତ ପୋଲିସ ଥାନା ଅନୁଯାୟୀ ବିଭକ୍ତ କରାଯିବ ଏବଂ ଲିଖିତ ପରୀକ୍ଷା ଓ ଓଡ଼ିଆ ପ୍ରବନ୍ଧ ଲେଖା ବିଷୟରେ ବିସ୍ତୃତ ସୂଚନା ଦିଆଯିବ।

୩. ଯେଉଁ ପ୍ରାର୍ଥୀ / ପ୍ରାର୍ଥିନୀ ମାନେ ଉପରୋକ୍ତ ପରୀକ୍ଷା ରେ କୃତକାର୍ଯ୍ୟ ହେବେ ସେମାନଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ନିମନ୍ତ୍ରଣ କରାଯିବ ।

୪. ପ୍ରତ୍ୟେକ ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ଉଚ୍ଚତା ଓ ଓଜନ ମପାଯିବ ।

୫. ଶାରୀରିକ ପରୀକ୍ଷା ପୂର୍ବରୁ, ସମସ୍ତ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ଏକ ଶାରୀରିକ ସୁସ୍ଥତା ଘୋଷଣାନାମା ଦାଖଲ କରିବାକୁ ପଡିବ, ଏବଂ ଜଣେ ସରକାରୀ ଡାକ୍ତରୀ ଅଧିକାରୀଙ୍କ ଦ୍ଵାରା ଏକ ଡାକ୍ତରୀ ପରୀକ୍ଷା କରାଯିବ ।

୬. ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ଦୌଡ (୪୦୦ ମିଟର)ପରୀକ୍ଷା ଅନୁଷ୍ଠିତ କରାଯିବ ।

୭. ଦୌଡ଼ ପରୀକ୍ଷାରେ ଯୋଗ୍ୟ ବିବେଚିତ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ପୁସ୍-ଅପ୍ସ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ ।

୮. ଶାରୀରିକ ଦକ୍ଷତା ରେ ଯୋଗ୍ୟତା ଅର୍ଜନ କରିଥିବା କୁଶଳ ପ୍ରାର୍ଥୀ / ପ୍ରାର୍ଥୀନୀଙ୍କୁ ପରବର୍ତ୍ତୀ ସମୟରେ କୁଶଳ ଦକ୍ଷତା ପରୀକ୍ଷା ପାଇଁ ନିମନ୍ତ୍ରଣ କରାଯିବ ।

୯. ସମସ୍ତ ଯୋଗ୍ୟ ବିବେଚିତ ପ୍ରାର୍ଥୀ / ପ୍ରାର୍ଥୀନୀଙ୍କୁ ସାଧାରଣ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ନିମନ୍ତ୍ରଣ କରାଯିବ ।

୧୦. ସାକ୍ଷାତକାର ଦେବା ପାଇଁ ଆସିଥିବା ସମସ୍ତ ପ୍ରାର୍ଥୀ / ପ୍ରାର୍ଥୀନୀ ତାଙ୍କର ଆବେଦନ କରିଥିବା ସମସ୍ତ କାଗଜ ପତ୍ର ର ମୂଳ ପ୍ରମାଣ ପତ୍ର ସାଙ୍ଗରେ ନେଇ ଆସିଥିବେ ।

3/6/25

**ଦୁର୍ଗପତି ଗୃହରକ୍ଷୀ ବାହିନୀ**
**କଳାହାଣ୍ଡି**